To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଏ କି ଚାହାଣୀ...?

ସଂସଦ ଭବନରେ ଆୟୋଜିତ ପଟେଲ ଜୟନ୍ତୀ ଅବସରରେ ଏହି ଦୃଶ୍ୟ

R.N.I. No.-42041/83 Vol-15, Issue No.122, ଭଦ୍ରକ,ବୁଧବାର, ୧, ନଭେମ୍ବର ୨୦୧୭ ■ Bhadrak, Wednesday, 1 November 2017 Rs. 2.00 Pages-8

ଦିଲ୍ଲୀ ଯିବେ ସ୍ୱାସ୍ଥ୍ୟମନ୍ତ୍ରୀ

ବୁଝିବେ ଜଗା-କାଳିଆଙ୍କ ସ୍ୱାସ୍ଥ୍ୟବସ୍ଥା

ଭୁବନେଶ୍ୱର, ୩୧।୧୦ (ସକାଳ ଖବର) : ସ୍ଥିତ ଏମସ୍ ଠାରେ ଚିକିତ୍ସାଧୀନ ଥିବା କନ୍ଧମାଳର ଯୋଡାମୁଣ୍ଡ ଶିଶୁ ଜଗା-କାଳିଆଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ବୁଝିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଆସନ୍ତାକାଲି ଦିଲ୍ଲୀ ଯିବେ । ଅପରେସନ୍ ପରେ ଅଲଗା ହୋଇଥିବା ଶିଶୁଙ୍କୁ ଚିକିତ୍ସା କରୁଥିବା ଡାକ୍ତର ମାନଙ୍କ ସହ ମନ୍ତ୍ରୀ ଶ୍ରୀ ଜେନା ଆଲୋଚନା କରିବେ । ସୂଚନାଯୋଗ୍ୟ ଯେ ଗତ ୨୫ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଅପରେସନ୍ ରେ ଜଗା-କାଳିଆଙ୍କ ମୁଣ୍ଡ ଅଲଗା କରାଯାଇଥିଲା ।

ହିତେଶ ବଗର୍ତୀଙ୍କୁ ସର୍ତ୍ତମୂଳକ ଜାମିନ

ଭୁବନେଶ୍ୱର,୩୧।୧୦ (ସକାଳ ଖବର) : ନବ ଦିଗନ୍ତ ଚିଟ ଫଣ୍ଡ ମାମଲାରେ ଗତ ତିନି ବର୍ଷ ଧରି ଜେଲରେ ଥିବା ଖଡିଆଳର ପୂର୍ବତନ ବିଧାୟକ ହିତେଶ ବଗର୍ତୀଙ୍କୁ ମଙ୍ଗଳବାର ଦିନ କଟକ ହାଇକୋର୍ଟ ସର୍ତମୂଳକ ଜାମିନ ପ୍ରଦାନ କରିଥିବା ଜଣା ପଡିଛି । ଜାମିନ ପାଇଁ ନ୍ୟାୟାଳୟ ଶ୍ରୀ ବଗର୍ତୀଙ୍କୁ ଦୁଇ ଲକ୍ଷ ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉଲ୍ଲେଖନୀୟ ଯେ ନୂଆପଡା ଜିଲ୍ଲାର ଖଡିଆଳ ବିଧାନସଭା ଆସନରୁ ପୂର୍ବତନ ବିଜେପି ବିଧାୟକ ହିତେଶ ବଗର୍ତୀ ନବ ଦିଗନ୍ତ ଚିଟ ଫଣ୍ଡ ମାମଲାରେ ସାମିଲ ଥିବା ନେଇ ଅଭିଯୋଗରେ ସିବିଆଇ ଦ୍ୱାରା ନଭେମ୍ବର ୨୦୧୪ରେ ଗିରଫ ହୋଇଥିଲେ । ତାଙ୍କ ସହିତ ମୟୁରଭଂଜର ବିଜେଡି ସାଂସଦ ରାମଚନ୍ଦ୍ର ହାଂସଦା, କେନ୍ଦୁଝରର ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ମଧ୍ୟ ଗିରଫ ହୋଇଥିଲେ ।

ମାଓବାଦୀ-ଯବାନ ଗୁଳି ବିନିମୟ

ମାଲକାନଗିରି, ୩୧।୧୦ (ସକାଳ ଖବର) : ସୀମାନ୍ତ ଛତିଶଗଡ଼ ରାଜ୍ୟ କାଂକେର ଜିଲ୍ଲା ଭାନୁ ପ୍ରତାପପୁର ଥାନା ଖଡକା ଜଙ୍ଗଲରେ ମାଓବାଦୀଙ୍କ ଏକ ଗୁପ୍ତ କ୍ୟାମ୍ପ ଚାଲିଥିବା ସୂଚନା ପାଇ ଡିଏଫ ଓ ଏସଏସବିର ଯବାନମାନେ ମିଳିତ ଭାବେ ସୋମବାର ରାତିରେ ସେଠାକୁ ସର୍ଚ୍ଚ ଅପରେସନରେ ଯାଇଥିଲେ । ଆଜି ଭୋର୍ ସମୟରେ ସେଠାରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଯବାନଙ୍କ ଆକ୍ରମଣର ସାମନା କରି ନପାରି ମାଓବାଦୀମାନେ ଘଂଚ ଜଙ୍ଗଲ ମଧ୍ୟରେ ଛତ୍ରଭଙ୍ଗ ଦେଇ ଖସି ପଳାଇଥିଲେ । ପରେ ଯବାନମାନେ ସମ୍ପୃକ୍ତ **(ପୃଷ୍ଠା-୭)**


ନେବାର ଭଲ ଉପାୟ ହେଉଛି ଦେବା ।

ହୁଣ୍ଡିର ଆୟ (୩୧.୧୦.୧୭)
୪,୪୮,୭୨୫

ଦୟା ଦୂଷିତ

ବିଶୋଧନ ପାଇଁ ନିର୍ମାଣ ହେବ ୬ଟି ଟ୍ରିଟମେଣ୍ଟ ପ୍ଲାଣ୍ଟ

ଭୁବନେଶ୍ୱର, ୩୧।୧୦ (ସକାଳ ଖବର) : ଗଙ୍ଗୁଆ ନାଳର ପ୍ରଦୂଷିତ ଜଳ ସିଧାସଳଖ ଦୟାନଦୀରେ ମିଶୁଥିବା କାରଣରୁ ଦୟାନଦୀର ଜଳ ଅଧିକ ପ୍ରଦୂଷିତ ହେଉଛି । ଜଳବିଶୋଧନ ପ୍ଲାଂଟ ପ୍ରତିଷ୍ଠା କରି ଗଙ୍ଗୁଆର ପ୍ରଦୂଷିତ ଜଳକୁ ବିଶୋଧନ କରାଯିବ । ଗୃହ ଓ ନଗର ଉନ୍ନୟନ ବିଭାଗ ଗଙ୍ଗୁଆର ପ୍ରଦୂଷିତ ଜଳକୁ ୱାଟର ଟ୍ରିଟ୍‌ମେଂଟ ପ୍ଲାଂଟ ମାଧ୍ୟମରେ ବିଶୋଧନ କରିବା ନିମନ୍ତେ ୬ଟି ଜଳ ବିଶୋଧନ ପ୍ଲାଂଟ ପ୍ରତିଷ୍ଠା କରୁଛି । ଏଥି ନିମନ୍ତେ ୮୦୦ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱରର ୬ଟି ସ୍ୱେରେଜ ଜୋନ୍‌ରେ ୬ଟି ଟ୍ରିଟ୍‌ମେଂଟ ପ୍ଲାଂଟ ପ୍ରତିଷ୍ଠା କରାଯାଉଛି । ଇତି ମଧ୍ୟରେ ୨ଟି ଜଳ ବିଶୋଧନ ପ୍ଲାଂଟର ନିର୍ମାଣ କାର୍ଯ୍ୟାରମ୍ଭ କରାଯାଇଛି । ସଂପୂର୍ଣ୍ଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆଗାମୀ ୩ ବର୍ଷ ମଧ୍ୟରେ ଶେଷ କରାଯିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହା ଦ୍ୱାରା ଦୟାନଦଦୀରେ ମିଶୁଥିବା ଗଙ୍ଗୁଆ ନାଳର ପ୍ରଦୂଷିତ ଜଳକୁ ବିଶୋଧନ କରାଯାଇ ଦୟାନଦୀରେ ଛଡ଼ାଯିବ ବୋଲି ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି । ଦୟାନଦୀର ଜଳକୁ ପ୍ରଦୂଷଣମୁକ୍ତ କରିବା ଦିଗରେ ରାଜ୍ୟ ସରକାରଙ୍କ ତରଫରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ଆଲୋଚନା କରିବା ପାଇଁ ମଙ୍ଗଳବାର ମନ୍ତ୍ରୀ ଶ୍ରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଚିବାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ବିଜୟଶ୍ରୀ ରାଉତରାୟ, ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ପ୍ରଦୀପ ମହାରଥୀ, ସତ୍ୟବାଦୀର ବିଧାୟକ ଶ୍ରୀ ଉମାକାନ୍ତ ସାମନ୍ତରାୟ, ମୁଖ୍ୟ ଶାସନ ସଚିବ ଶ୍ରୀ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସମେତ ଜଳସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ଜେନା, ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଶ୍ରୀ ଜି. ମାଥିଭାଥନନ୍‌ଙ୍କ ସମେତ ପ୍ରଦୂଷଣ ବୋର୍ଡର ବରିଷ୍ଠ ଅଧିକାରୀମାନେ **(ପୃଷ୍ଠା-୭)**

ବିଜୟ୍ ଶର୍ମା ଅଗ୍ନିଶମ ଓ ହୋମଗାର୍ଡ ଡିଜି

ବରିଷ୍ଠ ଆଇପିଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ

- ସନ୍ତୋଷ ଉପାଧ୍ୟାୟଙ୍କୁ କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜି
- ବିନୟାନନ୍ଦ ଝା ଜେଲ୍ ବିଭାଗ ଅତିରିକ୍ତ ଡିଜି

ଭୁବନେଶ୍ୱର, ୩୧।୧୦ (ସକାଳ ଖବର) : ବରିଷ୍ଠ ଆଇପିଏସ୍ ସ୍ତରରେ ମଙ୍ଗଳବାର ବଡ଼ ଧରଣର ଅଦଳବଦଳ ହୋଇଛି । ବିଜୟ ଶର୍ମାଙ୍କୁ ଅଗ୍ନିଶମ ଓ ହୋମଗାର୍ଡ ଡିଜି ଦାୟିତ୍ୱ ମିଳିଛି । ପ୍ରୋଭିଜନିଂ ଅତିରିକ୍ତ ଡିଜି ହୋଇଛନ୍ତି ସତ୍ୟଜିତ ମହାନ୍ତି । ସନ୍ତୋଷ ଉପାଧ୍ୟାୟଙ୍କୁ କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜି କରାଯାଇଛି । ବିନୟାନନ୍ଦ ଝା ହୋଇଛନ୍ତି ଜେଲ୍ ବିଭାଗ ଅତିରିକ୍ତ ଡିଜି । ସେହିପରି ଅରୁଣ ବୋଥ୍ରାଙ୍କୁ ପୋଲିସ ଆଧୁନିକୀକରଣ ଆଇଜି ଦାୟିତ୍ୱ ନେବେ । ଦେବାଶିଷ ପାଣିଗ୍ରାହୀ ହୋଇଛନ୍ତି ଭିଜିଲାନ୍ସ ନିର୍ଦ୍ଦେଶକ । କଟକ ପ୍ଏମଟିର ବି.ଏନ୍. ଦଣ୍ଡପାଟ- ଏସ୍‌ପି ହୋଇଥିବାବେଳେ କଟକ ରେଳବାଇର ଏସ୍‌ପି ବନ ବିହାରୀ ସାହୁ ହୋଇଛନ୍ତି । ବିପିଏସପିଏର ଏସପି ସାରା ଶର୍ମାଙ୍କୁ କରାଯାଇଛି । ସଂଜୟ କୌଶଳଙ୍କୁ ଭିଜିଲାନ୍ସ ଡିଆଇଜି ଭାବେ ପଦୋନ୍ନତି **(ପୃଷ୍ଠା-୭)**

ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲା

୭ ଦିନିଆ ରିମାଣ୍ଡରେ ୨ ଅଭିଯୁକ୍ତ

ବ୍ରହ୍ମପୁର, ୩୧।୧୦ (ସକାଳ ଖବର) : ଛତ୍ରପୁରରେ ବିଜେଡ଼ି କାଉନସିଲର ଲକ୍ଷ୍ମୀଦତ ପ୍ରଧାନ ହତ୍ୟା ମାମଲାରେ ଗିରଫ ଦୁଇ ମୁଖ୍ୟ ଷଡ଼ଯନ୍ତ୍ରକାରୀ କୃଷ୍ଣଚନ୍ଦ୍ର ନାୟକ ଓ ଦୁର୍ଯ୍ୟୋଧନ ରେଡ୍ଡୀଙ୍କୁ ଆଜିଠୁ ଛତ୍ରପୁର ପୋଲିସ ୭ ଦିନିଆ ରିମାଣ୍ଡରେ ନେଇଛି । ଆଜି ଅପରାହ୍ନରେ ଦୁହିଁଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଛତ୍ରପୁର ଉପକାରାଗାରରୁ ଆଣି ଛତ୍ରପୁର ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ପରେ ପୋଲିସ ପଚରା ଉଚୁରା ଆରମ୍ଭ କରିଛି । ରିମାଣ୍ଡ ଅବଧି ମଧ୍ୟରେ ପୋଲିସ ଉଭୟଙ୍କୁ ଜେରା କରିବ । ଉଭୟଙ୍କ ଭିଡ଼ିଓ ବୟାନର ସତ୍ୟାସତ୍ୟ ସହ କଲ୍ ରେକର୍ଡ ଯାଂଚ ହେବ । **(ପୃଷ୍ଠା-୭)**

ଗୋଲକଙ୍କୁ ପୋଲିସର ନୋଟିସ୍

ଭୁବନେଶ୍ୱର, ୩୧।୧୦ (ସକାଳ ଖବର) : ଛତ୍ରପୁର ବିଜେଡି କାଉନ୍‌ସିଲର ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାରେ ମଙ୍ଗଳବାର ପୋଲିସ ବିଜେପିର ମୁଖପାତ୍ର ଗୋଲକ ନାୟକଙ୍କୁ ନୋଟିସ୍ ଜାରି କରିଛି । ଆସନ୍ତାକାଲି ଦିନ ୧୨ଟା ସୁଦ୍ଧା ଛତ୍ରପୁର ପୋଲିସ ଥାନାରେ ହାଜର ହେବା ପାଇଁ ପୋଲିସ ଏହି ନୋଟିସ୍ ଜାରି କରିଛି ।

ବଢ଼ିଲା ବସ୍‌ଭଡ଼ା



ଭୁବନେଶ୍ୱର,୩୧।୧୦ (ସକାଳ ଖବର) : ରାଜ୍ୟରେ ପେଟ୍ରୋଲ ଦର ବୃଦ୍ଧିର ପ୍ରଭାବ ବସ୍ ଭଡ଼ା ଉପରେ ପଡ଼ିଛି । ଯାହାଫଳରେ ଘରୋଇ ବସ୍ ଭଡ଼ାକୁ ମଙ୍ଗଳବାର ବୃଦ୍ଧି କରାଯାଇଛି । ଏନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି । ରାଜ୍ୟ ଭିତରେ ଚାଲୁଥିବା ସାଧାରଣ ବସ୍,ଏକ୍ସପ୍ରେସ, ଡିଲକ୍ସ ଓ ଡିଲକ୍ସ ଏସି ବସ୍‌ର ବଢିଛି ଭଡ଼ା । ବସ୍ ବଢ଼ିଲା ପରେ ସାଧାରଣ ବସ୍ କିଲୋମିଟର ପ୍ରତି ୬୪ ପଇସା, ଏକ୍ସପ୍ରେସ୍ ବସ୍‌ରେ ୬୭ ପଇସା, ଡିଲକ୍ସ ବସ୍‌ରେ ୮୯ ପଇସା ଓ ଡିଲକ୍ସ ଏସି ବସ୍‌ରେ ୧ଟଙ୍କା ୧୧ ପଇସା ରହିଛି । ପ୍ରକାଶ, ରାଜ୍ୟ ଭିତରେ ଚାଲୁଥିବା ସାଧାରଣ ବସ୍, ଏକ୍ସପ୍ରେସ ବସ୍ ପାଇଁ ସର୍ବନିମ୍ନ ଭଡ଼ା ୫ ଟଙ୍କା ଥିବା ବେଳେ ଡିଲକ୍ସ ଓ ଡିଲକ୍ସ ଏସି ବସ୍ ପାଇଁ ସର୍ବନିମ୍ନ ଭଡ଼ା ଧାର୍ଯ୍ୟ କରାଯାଇଛି ୧୩ ଟଙ୍କା । ତେବେ ଯାତ୍ରୀମାନେ କେବଳ ୧୫ କି.ଗ୍ରା ପର୍ଯ୍ୟନ୍ତ ସାମଗ୍ରୀ ମାଗଣାରେ ସାଙ୍ଗରେ ନେଇପାରିବେ । ମାତ୍ର ତାଠାରୁ ଅଧିକ ହେଲେ ୨୦ କି.ଗ୍ରାରୁ ସାମଗ୍ରୀ ଅଧିକ ହେଲେ ଯାତ୍ରୀ ପ୍ରତି କିମି ପିଛା ୭ ପଇସା ଅଧିକ ଦେବେ । ଏହି ଭଡ଼ା ବ୍ୟତିତ ପୂର୍ବଭଳି ତେଲ ଦର ବଢ଼ିଲେ ଅଟୋମେଟିକ୍ ମେକାନିଜମ୍' ମଧ୍ୟ କାର୍ଯ୍ୟ କରିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି ।

୬ମାସ ମଧ୍ୟରେ ଛାତ୍ରଛାତ୍ରୀଙ୍କୁ ଜାତି ପ୍ରମାଣପତ୍ର ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୩୧।୧୦ (ସକାଳ ଖବର) : ଆଗାମୀ ୬ ମାସ ଭିତରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଓ ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କୁ ଜାତି ପ୍ରମାଣପତ୍ର ଦେବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ସ୍କୁଲ କର୍ତୃପକ୍ଷଙ୍କ ନିର୍ଦ୍ଦେଶ ଦେଇଛନ୍ତି । ମଙ୍ଗଳବାର ଦିନ ସଚିବାଳୟ ଠାରେ ବିଭାଗୀୟ ଅଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପଂଚମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଜାତି ପ୍ରମାଣପତ୍ର ଦିଆଯିବ । ୧୯ ଲକ୍ଷ ପିଲା ଏହା ଦ୍ୱାରା ଲାଭାନ୍ୱିତ ହୋଇପାରିବେ । ଥରେ ଏହି ପ୍ରମାଣପତ୍ର ପାଇଲେ ସେମନେ ଜୀବନବ୍ୟାପୀ ଏହାକୁ **(ପୃଷ୍ଠା-୭)**

ଭାରତୀୟ ନୌସେନାକୁ ମିଳିବ ୧୧୧ଟି ହେଲିକପ୍ଟର

ଚୀନର ଗତିବିଧିକୁ ଭାରତ ସତର୍କ

- ପାର୍ଟନରସିପ୍ ମଡେଲ ଆଧାରରେ ସ୍ୱୀକୃତି
- ବିଦେଶୀ କମ୍ପାନୀଙ୍କଠୁ କିଣାଯିବ ୧୬ ହେଲିକପ୍ଟର

ନୂଆଦିଲ୍ଲୀ, ୩୧।୧୦ : ଭାରତ ମହାସାଗରରେ ନିକଟରେ ଚୀନର ଗତିବିଧି ମଧ୍ୟରେ ଭାରତ ନିଜର ନୌସେନା ଶକ୍ତି ବୃଦ୍ଧି ଦିଗରେ ଗୋଟିଏ ପାଦ ଆଗକୁ ବଢ଼ାଇଛି । ମଙ୍ଗଳବାର ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରମଣ ନୌସେନାରେ ହେଲିକପ୍ଟର ଅଭାବ ଦୂର କରିବା ପାଇଁ ୧୧୧ ୟୁଟିଲିଟି ହେଲିକପ୍ଟର କ୍ରୟ କରିବା ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି । ଏଥିରେ କେବଳ ନୌସେନାର ହେଲିକପ୍ଟର ଅଭାବ ଦୂର ହେବ ତା ନୁହେଁ ବରଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମେକ ଇନ ଇଣ୍ଡିଆ ପ୍ରୋଜେକ୍ଟକୁ ମଧ୍ୟ ପ୍ରୋତ୍ସାହନ ମିଳିବ । ଏହି ହେଲିକପ୍ଟରକୁ କ୍ରୟକୁ ପାର୍ଟନରସିପ ମଡେଲ ଆଧାରରେ ସ୍ୱୀକୃତି ଦିଆଯାଇଛି । ନୌସେନା ପାଇ ଏହି ହେଲିକପ୍ଟର ମେକ ଇନ ଇଣ୍ଡିଆ ଆଧାରରେ ନିର୍ମାଣ କରାଯିବଛ ମଙ୍ଗଳବାର ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଏହି ପ୍ରୋଜେକ୍ଟର ଆନୁମାନିକ ଖର୍ଚ୍ଚ ୨୧, ୭୩୮ କୋଟି ହେବ । ୧୧୧ ହେଲିକପ୍ଟର ମଧ୍ୟରୁ ୧୬ ହେଲିକପ୍ଟର ବିଦେଶୀ କମ୍ପାନୀଙ୍କଠୁ କିଣାଯିବ । ବାକି ୯୬ଟି ହେଲିକପ୍ଟର ଭାରତରେ ନିର୍ମାଣ କରାଯିବ । ନିକଟରେ ଭାରତ ମହାସାଗରରେ ଚୀନର ଗତିବିଧି ବଢ଼ିଥିବା ଦେଖାଯାଇଥିଲା । ଚୀନର ଯୁଦ୍ଧ ଜାହାଜ ବାରମ୍ବାର କରାଚି ଓ ଗ୍ୱାଦରରୁ ଯାତାୟାତ କରୁଥିବା ନଜର ଆସିଛି । କୁହାଯାଉଛି ଯେ ଏହା ଜରିଆରେ ଚୀନ ଭାରତ **(ପୃଷ୍ଠା-୭)**

ଫସଲ ଜାଳିଦେଲେ ଚାଷୀ

୪୮ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବାକୁ କୃଷିମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୩୧।୧୦ (ସକାଳ ଖବର) : -ବରଗଡ଼ ଜିଲ୍ଲାର କଳାପାଣି ଓ ବାରାହାଗୁଡା ଗ୍ରାମର ୨ ଜଣ ଚାଷୀ ବୃନ୍ଦାବନ ସାହୁ ଓ ବାଙ୍କ ବିହାରି ସାହୁ ନିଜ ଧାନ ଫସଲରେ ନିଆଁ ଲଗାଇ ଦେଇଛନ୍ତି । ଫସଲରେ ଚକଡ଼ା ପୋକ ଲାଗିଥିବାରୁ ସେମାନେ ଏଥିରେ ନିଆଁ ଲଗାଇ ଜାଳି ଦେଇଥିଲେ। ଉଭୟ ଚାଷୀ ନିଜ ଅଧ ଏକର ଜମିରେ ଫସଲକୁ ପୋଡି ନଷ୍ଟ କରି ଦେଇଛନ୍ତି । ଏହି ଘଟଣାର ତଦନ୍ତ କରିବା ପାଇଁ କୃଷିମନ୍ତ୍ରୀ ଦାମୋଦର ରାଉତ ସ୍ଥାନୀୟ କୃଷି ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ଘଟଣାର ତଦନ୍ତ ରିପୋର୍ଟ ୪୮ ଘଂଟା ମଧ୍ୟରେ ଦେବା ଲାଗି ମନ୍ତ୍ରୀ ନିର୍ଦ୍ଦେଶରେ କହିଛନ୍ତି । ଏହି ରିପୋର୍ଟ ନେବା ପରେ ସରକାର ଆଗାମୀ ନିଷ୍ପତି ନେବେ ବୋଲି ମନ୍ତ୍ରୀ କହିଛନ୍ତି ।

ବେଜବରୁଆଙ୍କ ବାସଗୃହର ପୁନରୁଦ୍ଧାର ହେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧।୧୦ (ସକାଳ ଖବର) : ଆସାମର ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗତ ଲକ୍ଷ୍ମୀକାନ୍ତ ବେଜବରୁଆଙ୍କ ସମ୍ବଲପୁରସ୍ଥିତ ବାସଗୃହର ପୁନରୁଦ୍ଧାର କରାଯାଇ ଏକ ସ୍ମୃତିପୀଠରେ ପରିଣତ କରାଯିବ। ଏହି କାର୍ଯ୍ୟ ଓଡ଼ିଶା ସରକାର କରିବେ। ଆଜି ଆସାମର ସଂସ୍କୃତି ମନ୍ତ୍ରୀ ଶ୍ରୀ ନବକୁମାର ଡୋଲିଙ୍କ ସହିତ ସଚିବାଳୟଠାରେ **(ପୃଷ୍ଠା-୭)**

ଇତିହାସରୁ ପଟେଲଙ୍କୁ ବିଲୀନ କରାଯାଇ ପାରିବ ନାହିଁ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୩୧।୧୦ : ଲୌହମାନବ ତଥା ଦେଶର ସର୍ବପ୍ରଥମ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୨ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଟେଲ ଛକରେ ଥିବା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ରନ୍ ଫର ୟୁନିଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଆୟୋଜିତ ଏକ ବିଶାଳ ସମାରୋହରେ ମୋଦ ପରୋକ୍ଷ ଭାବରେ କଂଗ୍ରେସକୁ ଟାର୍ଗେଟ କରି କହିଥିଲେ ଯେ ଇତିହାସରୁ ଏହି ଲୌହମାନବଙ୍କ ନାମ ବିଲୀନ କରିବାକୁ ପ୍ରୟାସ କରାଯାଇଥିଲା ମାତ୍ର ଇତିହାସରୁ ତାଙ୍କୁ କେବେ ହେଲେ ବିଲୀନ କରାଯାଇ ପାରିବ ନାହିଁ।

ଏହି ଅବସରରେ ମୋଦି ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ପୁଣ୍ୟତିଥି ଅବସରରେ ତାଙ୍କର ସ୍ମୃତିଚାରଣ ମଧ୍ୟ କରିଥିଲେ। ଦେଶ ପାଇଁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅବଦାନ ଅବିସ୍ମରଣୀୟ। ଶାମ, ଦାମ, ଦଣ୍ଡ, ଭେଦ, କୂଟନୀତି ଓ ରଣନୀତି ଜରିଆରେ ପଟେଲ ସମଗ୍ର ଦେଶବାସୀଙ୍କୁ ଏକତା ସୂତ୍ରୀରେ ବାନ୍ଧି ରଖିଥିଲେ। ପଟେଲ ସମସ୍ତଙ୍କ ହୃଦୟରେ ଘର କରିଥିଲେ। ପଟେଲ କିଭଳି ଭାବେ ସମସ୍ତ ଦେଶବାସୀଙ୍କୁ ଏକ ସୂତାରେ ବାନ୍ଧି ରଖିଥିଲେ ତାହା ସମଗ୍ର ଦେଶବାସୀ ଜାଣିବା ଆବଶ୍ୟକ ବୋଲି ମୋଦି କହିଥିଲେ। ପଟେଲ ଛକରେ ଆୟୋଜିତ ଏହି ସମାରୋହରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁ ଓ ଗୃହମନ୍ତ୍ରୀ ରାଜନାଥ ସିଂ ମଧ୍ୟ ଉପସ୍ଥିତ ଥିଲେ। ସେ ମଧ୍ୟ ପଟେଲଙ୍କ ସ୍ମୃତିଚାରଣ କରିବା ସହିତ ଏକତା **(ପୃଷ୍ଠା-୭)**

fàÿæ ¯ÿ{f ¨ ¨äÀÿ Àÿæ Î êß FLÿ†ÿæ 'ÿ¯ÿÓ

Àÿæ f¿ÖÀÿêß Àÿæ Î êß ÓóLÿÅ 'ÿ¯ÿÓ ¨æÁÿ†ÿ

'ÿB'ÿœÿ Aæ $æBàÿ¿æf SÖ{Àÿ ™{þ¢ÿ ¨™æœÿ

fß¨Àÿ-œÿ ÿÀÿ ÿ Àÿ {ÀÿÁÿ ¨ Lÿÿ H œÿÀÿæ ¯ÿ¿†ÿ BQœÿ HæLÿÓ ¨ œÿþ{;ÿ fþ Aæ ÿ É¿Lÿ†ÿæ ¨æB Àÿæ f¿ ÓÀÿLÿæÀÿZÿ 'ÿæ ÿ ¨ †ÿ

ASLÿæ f{Àÿ 8 ¯ÿQÀÿæ WÀÿ µÿÓêµÿ†ÿ,2 SÀÿ†ÿÀÿ

¯ÿ ÿ¿æÁÿß{Àÿ ÉÉ ÓÀÿäæ H A™Lÿæ Óº{œÿ Ó{¨ÿ†ÿœÿ†ÿæ

{àÿ ÿÖÿ ¨Àÿ Ì Ó"æÀÿ ¨{sàÿ Ó{aÿæs†ÿæÀÿ D'ÿæÜÿÀÿ~ ÓÎ LÿÀÿ ¯ÿæ ÓÜÿ AæþLÿ FLÿ†ÿæÀÿ Ó†ÿ ¨'ÿæœÿ LÿÀÿd;ÿ : ÓBH, AæÀÿFÓ ¨

¯ÿÁÿæ æ‡æ Àÿêµ Aµÿ¾ÑÿZÿ { fàÿ 'ÿ f

Ó†ÿLÿ†ÿæ Ó{¨ÿ†ÿœÿ†ÿæ {äæ†ÿ{Àÿ FþÓFàÿLÿ µÿ fàÿœÿ FLÿ{àÿœÿ ¨ÀÿÔÿœÿÀÿ

LÿÝÿµÿê ÜÿHæÀÿ {sàÿÀÿ Àÿæàÿ f

{'ÿœÿLÿ ¾æ ¨ ¨•þ •þæ{œÿ µÿ^ÿæ ¨æB fàÿæ ¨ æÀÿZÿ 'ÿæÀÿ×

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick